## ବରଗଡ଼ରେ ଇଥାନଲ ପ୍ରକଳ୍ପର ଶିଳାନ୍ୟାସ କଲେ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍

# ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ: ଧର୍ମେନ୍ଦ୍ର

**ବରଗଡ଼,୧୦।୧୦/ଏନ୍‌ଏନ୍‌ଏସ୍:**

ଭାରତ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ବରଗଡ଼ ଜିଲ୍ଲାର ଭଟଲି ତହସିଲ୍ ଅନ୍ତର୍ଗତ ବାଉଳସିଂହା ଗ୍ରାମରେ ଏକ ହଜାର କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ୨ଜି ଇଥାନଲ ଜୈବ-ପରିଶୋଧନଗାରର ଆଜି ଶିଳାନ୍ୟାସ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଏଥିସହ ଏହି ପ୍ରକଳ୍ପ ଅଦିବାସୀ ଓ ଚାଷୀଙ୍କ କଲ୍ୟାଣ ପାଇଁ ସମର୍ପିତ ବୋଲି ସେ କହିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଯୋଗ ଦେଇ ଇଥାନେଲ ପ୍ରକଳ୍ପ ପ୍ରତିଷ୍ଠା ହେଲେ ବରଗଡ଼ ଅଞ୍ଚଳର ଚାଷୀଙ୍କ ଆୟ ବୃଦ୍ଧି ପାଇବ ବୋଲି କହିଛନ୍ତି।






ଶିଳାନ୍ୟାସ ପରେ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପରିକଳ୍ପନା ଚାଷୀଙ୍କର ଆୟ ଦୁଇଗୁଣ କରିବା ପାଇଁ। ଏହି କ୍ରମରେ ଚାଷରୁ ବାହରୁ ଥିବା ନଡ଼ା, ବର୍ଜ୍ୟବସ୍ତୁରୁ ଇଥାନଲ ପ୍ରସ୍ତୁତ ହେବ। ପ୍ରଧାନମନ୍ତ୍ରୀ ଥିବାବେଳେ ଅଟଳ ବିହାରୀ ବାଜପେୟୀ ଏହି ପରିକଳ୍ପନା କରିଥିଲେ। କୃଷି, ଜଙ୍ଗଲ, ସହର ବର୍ଜ୍ୟବସ୍ତୁକୁ ବ୍ୟବହାର କରି ବାୟୋଗ୍ୟାସ ପ୍ରସ୍ତୁତ କରିବା ପାଇଁ ଯୋଜନା ହୋଇଥିଲା। ତେବେ ପରବର୍ତ୍ତୀକାଳରେ ଯେଉଁ ସରକାର ଆସିଲେ ତାହାକୁ ଦୃଷ୍ଟି ଦେଲେ ନାହିଁ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଜିଲାରୁ ୧୭-୧୮ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦିତ ହେଉଛି। ତେଣୁ ଚାଷଜମିରୁ ବାହାରୁ ଥିବା ନଡ଼ା ସମେତ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ବାୟୋଗ୍ୟାସ ଉତ୍ପାଦନ ପାଇଁ ବ୍ୟବସାୟିକ ଚୁକ୍ତି ହେବ। ଦେଶରେ ହେବାକୁ ଥିବା ୧୨ ଟି ପ୍ରକଳ୍ପ ମଧ୍ୟରୁ ଏହା ଗୋଟିଏ। ଜିଲ୍ଲାରେ ଏହିପରି ଆଉ ୫ଟି ପ୍ରକଳ୍ପ ହେବାର ସମ୍ଭାବନା ମଧ୍ୟ ରହିଛି। ଏହା ମୋଦୀ ସରକାରଙ୍କର ପଶ୍ଚିମ ଓଡ଼ିଶା ପାଇଁ ନୂଆଁଖାଇ ଭେଟି ବୋଲି କହିଥିଲେ ଶ୍ରୀ ପ୍ରଧାନ। ସେହିପରି ପ୍ରଧାନମନ୍ତ୍ରୀ ଧାନ ଫସଲର ମୂଲ୍ୟ ବୃଦ୍ଧି କରିବା ଫଳରେ ଜିଲାରେ ଗତଥର ୧୫୦୦ କୋଟି ଧାନ ବିକ୍ରି ହୋଇଥିବା

▶▶ ୭